# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 18th July - 2026

**************************************

*Puri, Kendrapara/R*

## ଆଡ଼ପ ମଣ୍ଡପ ବିଜେ ନୀତି

ପୁରୀ ଶ୍ରୀକ୍ଷେତ୍ରରେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତି ଆଜି ସନ୍ଧ୍ୟାରେ ଆଡ଼ପ ମଣ୍ଡପ ବିଜେ କରିବେ । ରଥ ଉପରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ନୀତି ଶେଷ ହେବା ପରେ ପହଣ୍ଡି ବିଜେ ଆରମ୍ଭ ହେବ । ମଙ୍ଗଳ ଆଳତୀ ସମ୍ପୂର୍ଣ୍ଣ ହେବା ପରେ ମଇଲମ, ତଡ଼ପଲାଗି, ଅବକାଶ, ଗୋପାଳବଲ୍ଲଭ, ସକାଳଧୂପ ଓ ମଧ୍ୟାହ୍ନ ଧୂପ ନୀତି ଶେଷ କରାଯିବ । ଅପରାହ୍ଣରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ଓ ଆଳତୀ ପରେ ରଥରେ ଚାରମାଳ ବନ୍ଧାଯିବ । ବନ୍ଦାପନା କରାଯିବା ପରେ ଗୋଟି ପହଣ୍ଡି ଅନୁଷ୍ଠିତ ହେବ ।

ତୁଳସୀକ୍ଷେତ୍ର କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ଶ୍ରୀବଳଦେବଜିଉଙ୍କ ରଥ ଗତକାଲି ସନ୍ଧ୍ୟାରେ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଛି । ଆଜି ରାତି ୯ଟାରେ ଧାଡ଼ି ପହଣ୍ଡିରେ ଆଡ଼ମଣ୍ଡପ ବିଜେ ନୀତି ଅନୁଷ୍ଠିତ ହେବ ।

*Desk*

# ବାରିପଦା - ରଥଯାତ୍ରା

ମୟୂରଭଞ୍ଜ ଜିଲ୍ଲା ବାରିପଦାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ଗତକାଲି ଆରମ୍ଭ ହୋଇଥିଲା । ପରମ୍ପରା ଅନୁସାରେ ମା’ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥିଲେ । ଆଜି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ ମାଉସୀ ମା’ ମନ୍ଦିର ଅଭିମୁଖେ ଯାତ୍ରା କରିବ ।

*Desk*

# ଏମ୍ସ ସମାବର୍ତ୍ତନ ଉତ୍ସବ

ଭୁବନେଶ୍ୱରସ୍ଥିତ ଅଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥାନ-ଏମ୍ସ୍ ଆଜି ତା’ର ଷଷ୍ଠ ସମାବର୍ତ୍ତନ ଉତ୍ସବ ପାଳନ କରିବ। ଏଥିରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ର ମନ୍ତ୍ରୀ ଅନୁପ୍ରିୟା ପଟେଲ ମୁଖ୍ୟଅତିଥି ଭାବରେ ଯୋଗଦେବେ । ଉତ୍ସବରେ ମୋଟ ୬୮୪ ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବ। ଶ୍ରେଷ୍ଠ ଶିକ୍ଷାଗତ ପ୍ରଦର୍ଶନ ପାଇଁ ୩୨ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ୬୧ଟି ସ୍ୱର୍ଣ୍ଣପଦକ ପ୍ରଦାନ କରାଯିବ।

*IPR*

# ବୁଝାମଣାପତ୍ର

ରାଜ୍ୟ ସରକାର ଏବଂ ଅନ୍ତର୍ଜାତୀୟ ଅର୍ଥ ନିଗମ ମଧ୍ୟରେ ବିକଶିତ ଓଡ଼ିଶା-୨୦୩୬ ଲକ୍ଷ୍ୟ ହାସଲ ପାଇଁ ଗତକାଲି ଲୋକସେବା ଭବନରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ସରକାରୀ-ବେସରକାରୀ ସହଭାଗିତାରେ ପରିବେଶକୁ ସୁଦୃଢ଼ କରିବାପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିବ ବୋଲି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି । ଆସନ୍ତା ଏକ ବର୍ଷ ମଧ୍ୟରେ ସାମଗ୍ରିକ ଭାବେ ଅକ୍ଷୟ ଶକ୍ତି, ଲଜିଷ୍ଟିକ୍ ଓ ପରିବହନ, ସହରାଞ୍ଚଳ ଭିତ୍ତିଭୂମି ଆଦି ପ୍ରମୁଖ ପ୍ରାଥମିକ କ୍ଷେତ୍ରପାଇଁ ୨ ବିଲିୟନ୍ ଆମେରିକୀୟ ଡଲାର ମୂଲ୍ୟର ୨୦ଟି ପ୍ରକଳ୍ପକୁ ଚିହ୍ନଟ କରାଯାଇ କାର୍ଯ୍ୟ କରାଯିବ ବୋଲି ଶ୍ରୀମତୀ ଗର୍ଗ କହିଛନ୍ତି ।

*IPR*

# ନିର୍ବାଚନ ସମ୍ମିଳନୀ

ଦେଶରେ ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ସମ୍ବିଧାନ, ନିର୍ବାଚନ ସମ୍ବନ୍ଧୀୟ ଆଇନ ଏବଂ ସମୟାନୁକ୍ରମେ ନିର୍ବାଚନ କମିଶନଙ୍କଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ପରିଚାଳିତ ହୋଇଥାଏ ବୋଲି ମୁଖ୍ୟ ନିର୍ବାଚନ କମିଶନର୍ ଜ୍ଞାନେଶ କୁମାର କହିଛନ୍ତି । ନୂଆଦିଲ୍ଲୀରେ ଭାରତ ନିର୍ବାଚନ ଆୟୋଗଙ୍କଦ୍ୱାରା ଆୟୋଜିତ ଅଖିଳ ଭାରତୀୟ ଗଣମାଧ୍ୟମ

ସମ୍ମିଳନୀ-୨୦୨୬ରେ ଆଗାମୀ ନିର୍ବାଚନ ସମୟରେ ଗଣମାଧ୍ୟମ ଲୋକମାନଙ୍କ ପାଖରେ ସଠିକ୍ ତଥ୍ୟ ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରାଯାଇଛି । ଚଳିତ ବର୍ଷ ଏହି ସମ୍ମିଳନୀର ମୁଖ୍ୟ ବିଷୟବସ୍ତୁ ରହିଛି **"ଅଂଶୀଦାରମାନଙ୍କୁ ଯୋଡ଼ିବା, ଗଣତନ୍ତ୍ରକୁ ସୁଦୃଢ଼ କରିବା : ନିର୍ବାଚନରେ ଗଣମାଧ୍ୟମର ଭୂମିକା"** । ଏହି ସମ୍ମିଳନୀରେ ଓଡ଼ିଶାରୁ ୯ ଜଣ ବରିଷ୍ଠ ସାମ୍ବାଦିକ ଅଂଶଗ୍ରହଣ କରିଥିଲେ ।

***Malkangiri, Nabarangpur/R***

# ଏସ୍.ଆଇ.ଆର୍.

ନବରଙ୍ଗପୁର ଜିଲ୍ଲାରେ ସ୍ୱତନ୍ତ୍ର ଭୋଟର ତାଲିକା ସଘନ ସଂଶୋଧନ କାର୍ଯ୍ୟକ୍ରମକୁ ଭୋଟର ତାଲିକା ପର୍ଯ୍ୟବେକ୍ଷକ ମହମ୍ମଦ ସାଦ୍ଦିକ ଆଲାମ ସମୀକ୍ଷା କରିଛନ୍ତି । ବୈଠକରେ ଜିଲ୍ଲାର ନିର୍ବାଚନୀ ବ୍ୟବସ୍ଥା ସମ୍ପର୍କରେ ପର୍ଯ୍ୟବେକ୍ଷକମାନଙ୍କୁ ଅବଗତ କରାଯାଇଛି । ଜିଲ୍ଲାର ମୋଟ୍ ୯୪ ଦଶମିକ ୬୭ ପ୍ରତିଶତ ପରିଗଣନା ଫର୍ମର ଡିଜିଟାଇଜେସନ କାର୍ଯ୍ୟ ଶେଷ ହୋଇଛି । ଅବଶିଷ୍ଟ ଫର୍ମର ଡିଜିଟାଇଜେସନ କାର୍ଯ୍ୟ ଜାରି ରହିଛି ।

ଅନ୍ୟପକ୍ଷରେ ମାଲକାନଗିରି ଜିଲ୍ଲାରେ ଭୋଟର ତାଲିକା ସଂଶୋଧନ କରିବାକୁ ଅଧିକ ସ୍ୱଚ୍ଛ ଓ ସମୃଦ୍ଧ କରିବାପାଇଁ ମାଥିଲି ବ୍ଲକ୍ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ଶ୍ରୀ ଆଲାମ କହିଛନ୍ତି । ଏକ ସୁଦୃଢ଼ ଗଣତନ୍ତ୍ର ଗଠନପାଇଁ ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କ ନାମ ଭୋଟର୍

ତାଲିକାରେ ଅନ୍ତର୍ଭୁକ୍ତ ହେବା ଆବଶ୍ୟକ ବୋଲି ଶ୍ରୀ ଆଲାମ ପରାମର୍ଶ ଦେଇଛନ୍ତି ।

***Desk***

## ଇଗ୍ନୁ - ନାମଲେଖା

ଇନ୍ଦିରାଗାନ୍ଧି ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ - ଇଗ୍ନୁରେ ଚଳିତ ଶିକ୍ଷାବର୍ଷପାଇଁ ନୂତନ ନାମଲେଖା ଏବଂ ପୁନଃ ପଞ୍ଜୀକରଣ ଅବଧିକୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଅନୁସୂଚିତ ଜାତି ଓ ଜନଜାତି ଆବେଦନକାରୀଙ୍କପାଇଁ ନାମଲେଖା ଏବଂ ପୁନଃ ପଞ୍ଜୀକରଣ ଦେୟ ୫୦ ପ୍ରତିଶତ ଛାଡ଼ କରାଯାଇଛି ବୋଲି ଭୁବନେଶ୍ୱରସ୍ଥିତ ଇଗ୍ନୁ ପକ୍ଷରୁ କୁହାଯାଇଛି ।

***Cuttack/R***

## ଜଳବନ୍ଦୀ

ଲଗାଣ ବର୍ଷା ଯୋଗୁଁ କଟକ ଜିଲ୍ଲା ଆଠଗଡ଼ ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଛି । ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ବେସରକାରୀ ବିଦ୍ୟାଳୟଗୁଡ଼ିକୁ ଆଜି ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

*Sambalpur/R*

# ସମୀକ୍ଷା ବୈଠକ

ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ବନ୍ୟା ଏବଂ ଜଳବନ୍ଦୀ ସମସ୍ୟାର ମୁକାବିଲାପାଇଁ ଗତକାଲି ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି । ସହରର ବିଭିନ୍ନ ୱାର୍ଡ଼ରେ ଥିବା ଜଳବନ୍ଦୀ ସମସ୍ୟାର ସମୀକ୍ଷା କରି ତୁରନ୍ତ ସ୍ଥାୟୀ ପ୍ରତିକାର ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ବେଆଇନ ଜବରଦଖଲ ଯୋଗୁଁ ନାଳ ଓ ଡ୍ରେନ୍‌ରେ ଜଳ ନିଷ୍କାସନ ବାଧାପ୍ରାପ୍ତ ହେଉଥିବାରୁ ଜବରଦଖଲ ଉଚ୍ଛେଦ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୈଠକରେ ଆଲୋଚନା ହୋଇଛି ।

*Desk*

# ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ଉତ୍ତର ଓଡ଼ିଶା ଓ ପଶ୍ଚିମବଙ୍ଗ ଉପକୂଳରେ ସକ୍ରିୟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୬ଟି ଜିଲ୍ଲାରେ ପ୍ରବଳ ବର୍ଷା ନେଇ ସତର୍କ ସୂଚନା ଜାରି କରାଯାଇଛି । ଲଗାଣ ବର୍ଷା ଯୋଗୁଁ ସାପୁଆ ନଦୀରେ ବନ୍ୟା ଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଗତ ୨୪ ଘଣ୍ଟା ମଧ୍ୟରେ ବଲାଙ୍ଗିର,

ସମ୍ବଲପୁର, ବରଗଡ଼, ବୌଦ୍ଧ, ଜାରସୁଗୁଡ଼ା, କଟକ, ପୁରୀରେ ପ୍ରବଳ ବର୍ଷା ହୋଇଛି ।

*****